# Akashvani, Sambalpur

## SAMBALPURI NEWS EVENING BULLETIN

## 9 November 2025- 7.02 pm- 7.12 pm.

*********************************************

୧- ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ସର୍‌ଲା ପ୍ରଚାର୍ ।

୨- ରାଜ୍ୟର୍ ଚାଷୀମାନ୍‌କର୍ କମାନିକେ ବଢ଼ାବାର୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ଆଏବା କାଏଲ୍ ଓଡ଼ିଶା ଗସ୍ତଥି ଆସ୍‌ବେ କେନ୍ଦ୍ର କୃଷିମନ୍ତ୍ରୀ ।

୩- ରାଜ୍ୟର୍ ପୁର୍‌ନା ଆଉ ବିପଦ୍ ସଙ୍କୁଳ ଅବସ୍ଥାଥି ଥିବା କୁଠାମାନ୍‌କୁ ଚିହ୍ନଟ୍ କରିକରି ଖେପ୍ ଖେପ୍ କରି ଭଙ୍ଗାଯିବାର୍ ବାବ୍‌ଦେ ସର୍‌କାର୍‌ଙ୍କର୍ ନିଷ୍ପତି ।

ଆଉର୍

୪- ଲୋକ୍‌ମାନ୍‌କୁ ମାହାଲିଆ ଆଇନ୍ ସେବା ଦେବାର୍ ଦିଗେ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ଆଇନ୍‌ସେବା ଦିବସ୍ ।

ନୂଆପଡ଼ା ଉପ ନିର୍ବାଚନ        ଆର୍‌ଏନ୍‌ୟୁ/ କଟକ୍

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ଆଏଜ୍ ଉପର୍‌ବେଲା ୪ ବଜେନୁ ପ୍ରଚାର୍ ଶେଷ୍ ହେଇଛେ । ତାର୍ ଉତ୍‌ରୁ ୪୮ ଘଂଟାତକ୍ ନୀରବ୍ ଅବଧି ରହେବା । ଇ ସମିଆ ଭିତ୍‌ରେ କେନ୍‌ସି ପ୍ରକାରର୍ ପ୍ରଚାର୍ କାମ୍ ନାଇଁ କରାଯାଏ ବଲି ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ତିନ୍‌ହି ମୁଖିଆ ରାଜନୈତିକ୍ ଦଲ୍ ଆଉ ଅଲ୍‌ଗା ଦଲର୍ ପ୍ରାର୍ଥୀମାନେ ଶେଷ୍ ଖେପେ ଭୋଟର୍‌ମାନ୍‌କୁ ସେମାନକର୍ ପଖିଆ ଭୋଟ୍ ଦେବାର୍ ଲାଗି ନିବେଦନ୍ କରିଛନ୍ । ନୂଆପଡ଼ା ବିଧାନ୍‌ସଭା ଆସନ୍ ଲାଗି ଆଏବା ୧୧ ତାରିଖ୍ ମଙ୍ଗଲ୍‌ବାର୍ ଦିନ ସଖାଲର୍ ୭ ବଜେନୁ ମତଦାନ୍ ମୁଲ୍ ହେଇକରି ବେଲ୍‌ବୁଡ଼ର୍ ୫ ବଜେତକ୍ ଭୋଟ୍ ଗ୍ରହଣ୍ କରାଯିବା । ମାଓ ପ୍ରଭାବିତ୍ ୪୭ ଟା ବୁଥ୍ ନ ସଖାଲର୍ ୭ ବଜେନୁ ଉପର୍‌ବେଲା ୪ ବଜେତକ୍ ମତଦାନ୍ ଲାଗି ସମିଆ ଧାରିଜ୍ ହେଇଛେ । ଇ ବିଧାନ୍‌ସଭା କ୍ଷେତ୍ର ନ ୨ ଲାଖ୍ ୪୮ ହଜାର୍ ୨ ଶହ ୫୬ ଝନ୍ ଭୋଟର୍ ସେମାନ୍‌କର୍ ମତାଧିକାର୍ ସାବ୍ୟସ୍ତ କର୍‌ବେ । ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ବିଧାନ୍‌ସଭା ନିର୍ବାଚନ୍ ଲାଗି ୩ ଶହ ୫୮ ଟା ମତଦାନ୍ କେନ୍ଦ୍ର କରାଯାଇଛେ । ଯେନ୍ ବୁଥ୍ ନ ୧୨ ଶହ

ଅଏତ୍କା ଭୋଟର୍ ଅଛନ୍ ସେ ଜାଗା ମାନ୍କେ ୫୬ ଟା ଅତିରିକ୍ତ ବୁଥ୍ କରାଯାଇଛେ ।

ଆଏବା ୧୪ ତାରିଖ୍ ଶୁକ୍ରବାର୍ ଦିନ ଭୋଟ୍ ଗନ୍ତି ହେଇକରି ଫଲାଫଲ୍ ବାହାର୍ବା । ଭୋଟ୍ ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍ଫୁ ସବୁ ପ୍ରକାରର୍ ବ୍ୟବସ୍ଥା କରାଯାଇଛେ । ମୁଖ୍ୟ ନିର୍ବାଚନ୍ ଅଧିକାରୀ ସାମାଜିକ୍ ଗଣମାଧ୍ୟମ୍ ନ କେନ୍ସି ପ୍ରକାରର୍ ବିଭ୍ରାନ୍ତିକର ସୂଚ୍ନା ଆଉ ଫଟୁର୍ ପ୍ରଚାର୍ ନୁ ଦୂରେ ରହେବାର୍ ଲାଗି ସାଧାରଣ୍ ଲୁକ୍କୁ ପରାମର୍ଶ ଦେଇଛନ୍ ।

କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତ ହି.ସ.

କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ମନ୍ତ୍ରୀ ଶିବ୍ରାଜ୍ ସିଂ ଚୌହାନ୍ ଆଏବା କାଏଲ୍ ଓଡ଼ିଶା ଆଏବେ । କୃଷକ୍ ମାନ୍କର୍ କମାନି ବଢ଼ାବାର୍, ପୋଷଣ୍ ସୁରକ୍ଷାକେ ସୁନିଶ୍ଚିତ୍ କର୍ବାର୍ ଆଉ ଜୈବିକ୍ ଚାଷ୍କେ ତହଁକାବାର୍ ବାବଦ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଭାଗ୍ ନେବେ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ସମ୍ମିଳନୀ କକ୍ଷ ନ ହେବାର୍କେ ଥିବା ମଡ଼ିଆ ଦିବସ୍ ଉଦ୍ଘାଟନୀ ସଭାଥି ଶ୍ରୀ ଚୌହାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇ ଅବ୍ସରେ ଓଡ଼ିଶା

ସହେତେ ସବୁ ଦେଶେ ଶ୍ରୀଅନ୍ନ ଉତ୍ପାଦନ୍ ପ୍ରକ୍ରିୟାକରଣ୍ ଆଉ ବେଭାର୍‌କେ ତହଁକାବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ଚେରେଷ୍ଟା ବାବ୍‌ଦେ ସମ୍ମିଲନୀଥି ଆଲୋଚନା ହେବା । ଶ୍ରୀ ଚୌହାନ୍ ଓଡ଼ିଶା ଗସ୍ତ ସମିଆଥି କଟକ୍ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ଯାଇକରି ଚାଷ୍ ଜମି ଦେଖିବାର୍ ସହେତେ ଚାଷୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ ବଲି ଜନାପଡ଼ିଛେ । ବେଲ୍‌ବୁଡ଼େ ଶ୍ରୀ ଚୌହାନ୍ କଟକ୍ ବିଦ୍ୟାଧର୍‌ପୁର୍ କେନ୍ଦ୍ରୀୟ ଧାନ୍ ଗବେଷଣା କେନ୍ଦ୍ର ନ ହେବାର୍‌କେ ଥିବା ବୈଠକ୍‌ଥି ଅଧକ୍ଷତା କର୍‌ବେ । ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନା, ଦାଏଲ୍ ଆତ୍ମନିର୍ଭର୍‌ତା ମିଶନ୍ ଆଉ ଜାତୀୟ ଜୈବିକ କୃଷି ଅଭିଯାନ୍‌ର କାର୍ଯ୍ୟକାରିତାର୍ ସମୀକ୍ଷା କର୍‌ବେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍ ହି.ସ.

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ବନ୍ଦ୍ ରହେବା । ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ ।

ଆଏବା ଶୁଣାଣି ତାରିଖ୍ ଗଣମାଧମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

କୁଟ୍ ଭୁବ୍‌ନେଶ୍ୱର୍ ସମ୍ମାନିତ୍ I&PR

ସହରାଂଚଲ୍ ପରିବହନ୍ କ୍ଷେତ୍ରଥି ତାର୍ ଅଭିନବ ଆଭିମୁଖ୍ୟ ଲାଗି ଓଡ଼ିଶା ଜାତୀୟସ୍ତର୍ ନ ସ୍ୱୀକୃତି ପାଇଛେ । ରାଜ୍‌ଧାନୀ କ୍ଷେତ୍ର ସହରାଂଚଲ୍ ପରିବହନ୍- କୁଟ୍ ଭୁବ୍‌ନେଶ୍ୱର୍‌କେ ଇ ବଛର୍ ସହରାଂଚଲ୍ ପରିବହନ୍ ପ୍ରକଳ୍ପକେ ଠିକ୍ ଭାବେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଇ ଖାସ୍ ସମ୍ମାନ୍ ଦିଆଯାଇଛେ । ଆଏଜ୍ ନୂଆଦିଲ୍ଲୀର୍ ଗୁରୁଗ୍ରାମ୍ ନ ହେଇଥିବା ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଲନୀ -୨୦୨୫ ର ଉଦ୍‌ଯାପନୀ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଗୃହ ଆଉ ସହର୍‌ବିକାଶ୍ ମନ୍ତ୍ରୀ ଇ ସମ୍ମାନ୍ ଦେଇଛନ୍ । ଇ ଅବ୍‌ସରେ ଗୃହ ଆଉ ସହର୍‌ବିକାଶ୍ ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀ ଆଉ କୁଟ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଜ୍ୟସ୍ତରୀୟ ସୁରଭି ହି.ସ.

ଭୁବ୍‌ନେଶ୍ୱର୍ ୟୁନିଟ୍ ୩ କେପିଟାଲ୍ ହାଇସ୍କୁଲ୍ ପରିସର୍ ନ ଆଏବା ୧୨ ତାରିଖ୍‌ନୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍ ସୁରଭି ୨୦୨୫ ମୁଲ୍ ହେବା । ବିଦ୍ୟାଲୟର୍ ପାଠ୍ ପଢ଼ା ସହେତେ ବୌଦ୍ଧିକ୍ କାର୍ଯ୍ୟକ୍ରମ୍‌କେ ଜୁଡ଼୍‌ବାର୍ ଆଉ ଛୁଆମାନ୍‌କର୍ ଅର୍ନ୍ତନିହିତ ପ୍ରତିଭା ଆଉ ମାନବିକ ମୂଲ୍ୟବୋଧ୍‌ର ବିକାଶ୍ ଲାଗି ଇ ମହୋତ୍ସବ୍ ପାଲନ୍ କରାଯାଉଛେ । ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍ ଆଏବା ୧୪ ତାରିଖ୍‌ତକ୍ ଚାଲ୍‌ବା ।

ମହକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆଉ ମହିଳା, ଶିଶୁବିକାଶ୍ ବିଭାଗ୍ ତର୍‌ଫୁ ଆଏବା ୧୧ ନୁ ୧୫ ତାରିଖ୍‌ତକ୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍ - ମହକ୍ ଉତ୍ସବ୍-୨୦୨୫ କାର୍ଯ୍ୟକ୍ରମ ହେବା । ଇ ଅବ୍‌ସରେ ଶିଶୁ ଯତ୍ନ ଅନୁଷ୍ଠାନ୍‌ର ଛୁଆମାନ୍‌କର୍ କ୍ରୀଡ଼ା ଆଉ ସାଂସ୍କୃତିକ୍ ପ୍ରତିଯୋଗିତା ମାନ୍ କରାଯିବା ।

ଏଏସ୍‌ଓ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଲୋକ୍‌ସେବା ଆୟୋଗ୍ - ଓପିଏସ୍‌ସି ତର୍‌ଫୁ ପରିଚାଲିତ୍ ଏସିଷ୍ଟାଂଟ୍ ସେକ୍ସନ୍ ଅଫିସର୍ - ଏଏସ୍‌ଓ ପରୀକ୍ଷା ଆଏଜ୍ ୩ ଟା ଅଧିବେଶନ୍‌ଥି ହେଇଯାଇଛେ । ସେନ୍ତା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ୍ ଓ.ଏସ୍.ଏସ୍.ଏସ୍.ସି. ତର୍‌ଫୁ ଆର୍‌ଆଇ, ଏଆର୍‌ଆଇ, ଅମିନ୍ ଆଉ ଆଇସିଡିସି ପଦ୍ ଲାଗି ଭିଲ୍ ଆଏଜ୍ ପରୀକ୍ଷା ହେଇଛେ ।

ବାର୍ଷିକ୍ ପରୀକ୍ଷା କଟକ୍ ସମ୍ବାଦଦାତା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ୨୦୨୬ ବାର୍ଷିକ୍ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଲାଗି ଫର୍ମ ଭରାଯାଉଛେ । ରେଗୁଲାର୍ ଆଉ ଏକ୍ସ ରେଗୁଲାର୍ ପରୀକ୍ଷା ଲାଗି ଗଲାକାଏଲ୍‌ଠାନୁ ଅନ୍‌ଲାଇନ୍ ଜରିଏ ଆଏବା ୨୨ ତାରିଖ୍‌ତକ୍ ରାତିର୍ ୧୧ ବାଜିକରି ୪୫ ମିନିଟ୍ ଭିତ୍‌ରେ ଫର୍ମ ଭର୍‌ବାର୍ ଲାଗି ସମିଆ ଧାରିଜ୍ ହେଇଛେ । ଇ ସମିଆ ଭିତ୍‌ରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଲାଗି ଛାତ୍ରଛାତ୍ରୀମାନେ ଫର୍ମ ଭରିପାର୍‌ବେ ।

କୁଠା ଭୁସ୍‌ଡ଼ି- ୩ ମୃତ ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବକ୍ସିବଜାର୍ ମଣିସାହୁ ଛକ୍ ପାଖେ ଗଲାକାଏଲ୍ କୁଠା ଭୁସ୍ଡ଼ିବାର୍ ଘଟ୍ନାଥି ୩ ଝନ୍‌କର୍ ଜୀବନ୍ ଯାଇଥିବାର୍ ଜିଲ୍ଲାପାଲ୍‌ଙ୍କର୍ ତରଫୁ ସୂଚ୍ନା ଦିଆଯାଇଛେ । କଟକ୍ ମହାନଗର୍ ନିଗମ୍ କମିଶନର୍ ଆଉ ସିଡ଼ିଏ ଉପାଧ୍ୟକ୍ଷଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଟିମ୍ ଗଠନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଇ ବାବ୍‌ଦେ ରିପୋର୍ଟ ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବାବ୍‌ଦେ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍, ସର୍‌କାରୀ ଆଉ ବେସର୍‌କାରୀ ପୁର୍‌ନା ଆଉ ବିପଦ୍ ସଙ୍କୁଳ ଅବସ୍ଥାଥି ଥିବା କୁଠାମାନ୍‌କୁ ଖେପ୍ ଖେପ୍ କରି ଭଙ୍ଗାଯିବା ।

(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ମହାପାତ୍ର)

ଇକୋ ରିଟ୍ରିଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ତରଫୁ ଆଏବା ୧୫ ତାରିଖ୍‌ନୁ ହୀରାକୁଦ୍ ସହେତେ ଦାରିଙ୍ଗ୍‌ବାଡ଼ି, ସାତକୋଶିଆ, ଭିତରକନିକା, ପତିସୋନାପୁର୍ ଆର୍ ପୁଟ୍‌ସିଲ୍ ଠାନେ ଇକୋ ରିଟ୍ରିଟ୍ ମୁଲ୍ ହେବା । ଇଥିର୍‌ଲାଗି ବିଭାଗ୍ ତରଫୁ

ଅନ୍‌ଲାଇନ୍ ବୁକିଂ ଚାଲିଛେ । ଆଏବା ମାସ ୧୩ ତାରିଖ୍‌ନୁ କୋଣାର୍କନୁ ଇକୋ ରିଟ୍ରିଟ୍ ମୁଲ୍ ହେବା ବଲି ଜନାପଡ଼ିଛେ ।

ବାଲିଯାତ୍ରା- ଟ୍ରାଫିକ୍ କଟ୍‌କନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଐତିହାସକ୍ କଟକ୍ ବାଲିଯାତ୍ରା ନ ଗଲାକାଏଲ୍ ଜବର୍ ଭିଡ୍ ଦେଖ୍‌ବାର୍‌କେ ମିଲିଥିଲା । ଆଏଜ୍ ରଏବାର୍ ହେଇଥିବାର୍‌ନୁ ଜହ ଲୁକ୍‌କର୍ ଭିଡ୍ ହେବାର୍ ସମ୍ଭାବନାକେ ନଜର୍‌ଥି ରଖିକରି ପୁଲିସ୍ ପ୍ରଶାସନ୍ ତର୍‌ଫୁ ଟ୍ରାଫିକ୍ କଟ୍‌କନାକେ କଡ଼ାକଡ଼ି କରାଯାଇଛେ । ଇତାର୍‌ସହେତେ ବ୍ୟାପକ୍ ପୁଲିସ୍ ଫୋର୍ସ ଭିଲ୍ ମୁତୟନ୍ କରାଯାଇଛେ ବଲି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିର୍ସାମୁଣ୍ଡା ଜନ୍ମବାର୍ଷିକୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଅନୁସୂଚିତ ଜାତି ଆଉ ଅନୁସୂଚିତ ଜନଜାତି ଗବେଷଣା ଆଉ ପ୍ରଶିକ୍ଷଣ ପ୍ରତିଷ୍ଠାନ୍ ଆଉ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଲୟ ନ ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ତମ ଜନ୍ମବାର୍ଷିକୀ ଉତ୍ସବ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ବିର୍ସାମୁଣ୍ଡାଙ୍କର୍ ଖାସ୍ ମଣ୍ଡପ୍ କରାଯାଇକରି ତାକର୍

ଜୀବନୀ ଆଉ ସଂଘର୍ଷ ଆଧାରିତ୍ ଚିତ୍ରକଳା ଆଉ ଫଟୋ ପ୍ରଦର୍ଶନୀ ର୍ ଆୟୋଜନ୍ କରାଯାଇଛେ ।

ଜାତୀୟ ଆଇନ୍ ସେବା ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଜାତୀୟ ଆଇନ୍ ସେବା ଦିବସ୍ । ୧୯୯୫ ମସିହା ଆଝିର୍ ଦିନେ ଦେଶେ ଆଇନ୍ ସେବା ପ୍ରାଧିକରଣ୍ ଆଇନ୍ ଗୃହିତ ହେଇଥିଲା । ଇ ଦିନ୍‌କେ ସୋର୍ କରାବାର୍ ଆର୍ ଦେଶର୍ ଲୁକ୍‌କର୍ ନ ଆଇନ୍ ସଚେତନତାକେ ତହଁକାବାର୍ ଲାଗି ଇ ଦିବସ୍ ପାଳନ୍ କରାଯାଇଆସୁଛେ । ହେନ୍ତା ଇ ଉଲ୍‌ଗୁନେ ଲୁକ୍‌କୁ ସେମାନ୍‌କର୍ ଅଧିକାର୍ ଆଉ ଆଇନ୍‌ସେବାର୍ ଲାଗି ଥିବାର୍ ଭିନ୍ ଭିନ୍ ବ୍ୟବସ୍ଥା ସହେତେ ଲୋକ୍ ଅଦାଲତ୍ ବାବ୍‌ଦେ ଜନସଚେନତା ସୃଷ୍ଟି କରାଯାଇଆସୁଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ ସମସ୍ତଙ୍କର୍ ଲାଗି ନ୍ୟାୟ: ଆଇନ୍‌ଗତ ସାହାଜ୍ ଦୃଷ୍ଟିନୁ ମାହାଲିଆ ଆଇନ୍‌ଗତ ସାହାଜ୍ ଆଉ ନ୍ୟାୟ ଲାଗି ସମାନ୍ ପ୍ରବେଶ୍ ଉପ୍‌ରେ ଜୋର୍ ଦେବାର୍ ।

ବୌଦ୍ଧ-ଜାତୀୟ ଆଇନ୍‌ସେବା ଦିବସ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ତାଲ୍‌ସର୍‌ଢ଼ା ଠାନେ ଜାତୀୟ ଆଇନ୍‌ସେବା ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ସଚିବ ଶ୍ରଦ୍ଧାଞ୍ଜଳି ରାୟ ପରିଚାଳନା କରିଥିଲେ । ଜାତୀୟ ଆଇନ୍ ଦିବସ୍ ଅବ୍‌ସରେ ଗୁଟେ ପଦଯାତ୍ରାର୍ ଭିଲ୍ ଆୟୋଜନ୍ କରାଯାଇଥିଲା । ପଦଯାତ୍ରାଥି ଛାତ୍ରଛାତ୍ରୀ, ଶିକ୍ଷକ୍, କର୍ମଚାରୀ ଆଉ ସାଧାରଣ୍ ଲୁକେ ଭାଗ୍ ନେଇଥିଲେ । ଇ ଅବ୍‌ସରେ ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ମାହାଲିଆ ଦିଆଯାଉଥିବା ଆଇନ୍‌ସେବା ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯାଇଥିଲା ।

ସାଇବର୍ ଅପ୍‌ରାଧ ସଚେତନତା ରେଲି  ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପୁଲିସ୍ ପ୍ରଶାସନ୍ ତର୍‌ଫୁ ସାଇବର୍ ଅପ୍‌ରାଧ୍ ବାବ୍‌ଦେ ଗୁଟେ ଜନସଚେତନତା ରେଲି ଆଉ ସଭାର୍ ଆୟୋଜନ୍ କରାଯାଇଛେ । ଆରକ୍ଷୀ ଅଧିକ୍ଷକ୍ ନାରାୟଣ୍ ନାୟକଙ୍କର୍ ନେତୃତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ନ ବଢୁଥିବା ସାଇବର୍ ଠକେଇ ଆଉ ଅନ୍‌ଲାଇନ୍ ଅପରାଧ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯାଇଥିଲା । ସୁରେଶ୍ୱରୀ

ମନ୍ଦିର୍‌ନୁ ମୁଲ୍ ହେଇଥିବା ଇ ରେଲି ସହରର୍ ଭିନ୍ ଭିନ୍ ମୁଖିଆ ରାସ୍ତା ଦେଇକରି ରୟଲ୍ ପଡ଼ିଆ ନ ପୁହୁଁଚିଥିଲା । ଇଥି ଅତିରିକ୍ତ ଜିଲ୍ଲାପାଳ୍ ଏଞ୍ଜେଲିନା ପ୍ରଧାନ୍‌ଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ ପୁଲିସ୍ କର୍ମଚାରୀ ଆଉ ଛାତ୍ରଛାତ୍ରୀମାନେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ଦିଗୁ ସୁଖା ଆଉ ଥଣ୍ଡା ପବନ୍ ଆସୁଥିବାର୍‌ନୁ ଆଏବା ୩/୪ ଦିନ୍ ଭିତ୍‌ରେ ରାତିର୍ ସବୁନୁ କମ୍ ତାପମାତ୍ରା ୩ ନୁ ୪ ଡିଗ୍ରୀ କମ୍‌ବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ରାଜ୍ୟର୍ ଭିତ୍‌ରିଆ ଇଲାକା ସହେତେ ପଶ୍ଚିମ ଓଡ଼ିଶାର୍ କେତେଟା ଜାଗା ନ କୁହୁଡ଼ି ଦେଖାଦେଇଛେ । ଆଏବା ବୁଧବାର୍‌ତକ୍ ରାଏଜେ ପାଗ୍ ଶୁଖା ରହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଗଲାକାଏଲ୍ ଝାର୍‌ସୁଗୁଡ଼ା ନ ସବୁନୁ କମ୍ ତାପମାତ୍ରା ୧୧ ଦଶ୍‌ମିକ୍ ୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।